
# ଓଡ଼ିଶାରେ
# ଜଳ ସ୍ଥଳ ଓ ଯାନବାହନ



ଓଡ଼ିଶା ସରକାରଙ୍କ ଘରୋଇ ( ଲୋକସଂପର୍କ )
ବିଭାଗର ଅଭିନବ ଇଂରାଜୀ ପ୍ରକାଶନ

# VISIT ORISSA

ପ୍ରତିବର୍ଷ ଓଡ଼ିଶାର କୀର୍ତ୍ତି-ସମ୍ଭାର, ଶିଳ୍ପ-ସମୃଦ୍ଧି ଓ ପ୍ରାକୃତିକ ଦୃଶ୍ୟ-ବୈଭବ ଦେଖିବାକୁ ଯେଉଁ ପର୍ଯ୍ୟଟକମାନେ ସହସ୍ର ସହସ୍ର ସଂଖ୍ୟାରେ ଆସୁଅଛନ୍ତି, ସେମାନଙ୍କ ହାତରେ ଏ ବହିରୁ ଖଣ୍ଡେ ଖଣ୍ଡେ ରହିଲେ ସେମାନେ ଓଡ଼ିଶା ସଂକ୍ରାନ୍ତ ଯାବତୀୟ ପ୍ରୟୋଜନୀୟ ତଥ୍ୟ ଏଥିରୁ ଅବଗତ ହେବେ ଏବଂ ଏଥିରେ ସନ୍ନିବିଷ୍ଟ ଚିତ୍ରାବଳୀରୁ ଦର୍ଶନୀୟ ସ୍ଥାନ ଓ ସାମଗ୍ରୀମାନଙ୍କ ବିଷୟରେ ସମ୍ୟକ୍ ଧାରଣା କରିପାରିବେ । ଓଡ଼ିଶାରେ ମଧ୍ୟ ସାଧାରଣ ପାଠକପାଠିକାଙ୍କ ଜ୍ଞାନବର୍ଦ୍ଧନ ଓ ମନୋରଞ୍ଜନ ନିମନ୍ତେ ଏଥିରେ ଅନ୍ୟତ୍ର-ଅପ୍ରାପ୍ୟ ବହୁତ ବିଷୟ ରହିଅଛି ।

ମୂଲ୍ୟ—ପ୍ରତିଖଣ୍ଡ ୦୫୨ ମାତ୍ର ( ରେଜିଷ୍ଟ୍ରି ଡାକରେ ନେଲେ ମାସୁଲ ଅଧିକା ପଡ଼ିବ )

ନିମ୍ନ ଠିକଣାରେ ପତ୍ର ଲେଖନ୍ତୁ—

(୧) ଘରୋଇ (ଲୋକସମ୍ପର୍କ) ବିଭାଗ ଅଫିସ
ପୋ: ଅ: ନିଉକାପିଟାଲ ଭୁବନେଶ୍ୱର
(ପୁରୀ) ଓଡ଼ିଶା

(୨) ଆପଣଙ୍କ ଜିଲାର ଲୋକସମ୍ପର୍କ ଅଫିସ

सत्यमेव जयते

ଓଡ଼ିଶାରେ

# ଚଳପ୍ରଚଳ
ଓ
# ଯାନବାହନ

## ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାର ଅଗ୍ରଗତି
୧୯୫୮

ପ୍ରକାଶକ

ଘରୋଇ ( ଲୋକସମ୍ପର୍କ ) ବିଭାଗ, ଓଡ଼ିଶା

ଭୁବନେଶ୍ୱର

27 NOV 1958

# ସୂଚୀପତ୍ର


୧ । ଯାନବାହନ ... ୫

୨ । ପରିବହନ ଓ ରାସ୍ତାଘାଟ ... ୬

୩ । ରାସ୍ତା ... ୧୦

୪ । ଡ୍ରହ୍ନର ଯୋଜନା ... ୨୦

୫ । ପରିସଂଖ୍ୟାନ ଓ ଅର୍ଥନୀତି ବିଭାଗ ୨୨

୬ । ମ୍ୟୁନିସିପାଲିଟି ଉନ୍ନୟନ କାର୍ଯ୍ୟ ୨୬

୭ । ସହର ଯୋଜନା ... ୨୭

୮ । ନୂଆ ରାଜଧାନୀ ... ୨୮

# ପ୍ରାରମ୍ଭିକ

ଶହ ଶହ ବର୍ଷର ଦରିଦ୍ରତା ଓ ବିଦେଶୀ ଅର୍ଥନୀତିରେ ଶୋଷିତ ଏ ଦେଶ ସ୍ୱାଧୀନତା ପରେ ପୃଥିବୀରେ ମୁଣ୍ଡ ଟେକି ଛିଡ଼ା ହେବାପାଇଁ ବାହାରିଛି । ବିଗତ ମହାଯୁଦ୍ଧ ପରେ ଶିଳ୍ପପ୍ରଧାନ ଦେଶମାନଙ୍କ ମଧ୍ୟରୁ ଅନେକ ଧ୍ୱସ୍ତ-ବିଧ୍ୱସ୍ତ ହୋଇ ଯାଇଛନ୍ତି । ସେମାନେ ପୁଣି ପୁନର୍ଗଠନରେ ଲାଗିଛନ୍ତି । ଭାରତ କୃଷିପ୍ରଧାନ ଓ ଦରିଦ୍ର ଦେଶ ହିସାବରେ ଗତ ଦୁଇଶହ ବର୍ଷ ହେଲା ଶିଳ୍ପ-ପ୍ରଧାନ ଦେଶଦ୍ୱାରା ଶୋଷିତ ହୋଇ ଆସୁଥିଲା । ଆଜି ପୂର୍ବକାଳର ସାମ୍ରାଜ୍ୟବାଦ ନାହିଁ । କିନ୍ତୁ ଏକ ନୂତନ ଧରଣର ଅର୍ଥନୈତିକ ସାମ୍ରାଜ୍ୟବାଦ ଧୀରେ ଧୀରେ ସୃଷ୍ଟି ହେଉଛି । ଏହି ସମୟରେ ଭାରତ ଯଦି ପୂର୍ଣ୍ଣ ବିକାଶ ଦିଗରେ ଆପ୍ରାଣ ଉଦ୍ୟମ ନ କରେ ତେବେ ଭାରତର ସ୍ୱାଧୀନତା ମଧ୍ୟ ବ୍ୟର୍ଥ ହୋଇଯାଇପାରେ । ତେଣୁ ପଞ୍ଚବର୍ଷୀୟ ଯୋଜନାର ସୂତ୍ରପାତ । ପ୍ରଥମ ପଞ୍ଚବର୍ଷୀୟ ଯୋଜନାକାଳ ଶେଷ ହୋଇଛି । ଦ୍ୱିତୀୟ ପଞ୍ଚବର୍ଷୀୟ ଯୋଜନାର ମଧ୍ୟଭାଗରେ ବର୍ତ୍ତମାନ ଦେଶ । ସମସ୍ତ ଦେଶ ରାଜନୈତିକ ମତ-ନିର୍ବିଶେଷରେ ଯୋଜନାଭିମୁଖୀ ହେବା ଉଚିତ । ଯୋଜନା ଯେପରି ସଫଳ ହୁଏ, ସେଥିପାଇଁ ଉତ୍ସାହ ଓ ସଂଯମ ସମସ୍ତଙ୍କ ପକ୍ଷରେ ଆବଶ୍ୟକ ।

ଏହି ପୁସ୍ତିକାରୁ ଯୋଜନାର ରୂପରେଖ କିୟତ୍‌ପରିମାଣରେ ପାଠକମାନେ ଜାଣିପାରିବେ । ଯୋଜନାର ସଫଳତା କେବଳ କାମ୍ୟ ନୁହେଁ; ବର୍ତ୍ତମାନ ଏହା ସମସ୍ତଙ୍କର ବ୍ରତ ଭଳି ହୋଇଯିବା ଉଚିତ ।

ହରେକୃଷ୍ଣ ମହତାବ

Presented to Pragati Utkal Sangha
By
Amrakanti

ପ୍ରଗତି ଉତ୍କଳ ସଂଘ ଲାଇବ୍ରେରୀ
ନଂ.........
ତା 27 NOV 1958
ରାଉରକେଲା

## ଯାନବାହନ

୧୯୪୮ ମସିହାରେ ରାଜ୍ୟ ପରିବହନ ସଂସ୍ଥା ଗଢ଼ାଗଲା । ସେହି ବର୍ଷ ଓଡ଼ିଶାର ପୂର୍ବତନ ଗଡ଼ଜାତଗୁଡ଼ିକ ଓଡ଼ିଶାରେ ମିଶିଗଲା ଓ ସେହି ଗଡ଼ଜାତମାନଙ୍କ ମଧ୍ୟରୁ ଯେଉଁ କେତୋଟିରେ ରାଜ୍ୟ ପରିବହନ ସଂସ୍ଥା ଥିଲା, ତାହା ଓଡ଼ିଶା ସରକାରଙ୍କ ପରିଚାଳନା ଅଧୀନକୁ ଆସିଲା । ପ୍ରଥମେ ରାଜ୍ୟ ପରିବହନ ସଂସ୍ଥା ଅଧୀନରେ ୪୩ଟି ମଟର ବସ୍ ଥିଲା । ୧୯୫୬-୫୭ ଶେଷରେ ଏହା ଅଧୀନରେ ୨୩୭ଟି ବସ୍ ଥିଲା ଓ ସେଗୁଡ଼ିକ ବଲାଙ୍ଗିର, ସମ୍ବଲପୁର, ସୁନ୍ଦରଗଡ଼, ଢେଙ୍କାନାଳ, କେନ୍ଦୁଝର, ବାଲେଶ୍ୱର ଓ କୋରାପୁଟ ଜିଲ୍ଲାରେ ଏବଂ କଟକ ଜିଲ୍ଲାର କେତେକ ଅଞ୍ଚଳରେ ଚଳାଚଳ କରୁଥିଲା । ୧୯୫୭ ମସିହା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଶେଷ ହୋଇଥିବା ବର୍ଷରେ ଏହି ସଂସ୍ଥା ୧୧.୦୧ ଲକ୍ଷ ଟଙ୍କା ନିଟ୍ ଲାଭ କରିଥିଲା । ଏହି ସଂସ୍ଥା ଗଢ଼ାହେଲା ଦିନଠାରୁ ଉକ୍ତ ତାରିଖ ପର୍ଯ୍ୟନ୍ତ ୪୦.୯୭ ଲକ୍ଷ ଟଙ୍କା ନିଟ୍ ଲାଭ ହୋଇଥିଲା ।

ଓଡ଼ିଶା ରୋଡ଼ ଟ୍ରାନ୍ସପୋର୍ଟ କମ୍ପାନୀ :—୧୯୫୧ ମସିହା ଆରମ୍ଭରେ ଏହା ଗଠିତ ହେଲା । ଏହାର ମୂଳଧନ ୩୦ ଲକ୍ଷ ଟଙ୍କା ମଧ୍ୟରୁ ରାଜ୍ୟ ସରକାର ୨୩.୩୫ ଲକ୍ଷ ଓ କେନ୍ଦ୍ର ସରକାର ( ରେଲୱାଇ ବିଭାଗ ) ୨ ଲକ୍ଷ ଓ ପୂର୍ବ ବସ୍-ମାଲିକଙ୍କ

ସମେତ ଜନସାଧାରଣ ୭୫ ହଜାର ଟଙ୍କା ଦେଇଛନ୍ତି । ଏହି କମ୍ପାନୀ ପୁରୀ, ଗଞ୍ଜାମ, ଫୁଲବାଣୀ ଓ କଟକ ଜିଲ୍ଲାର କେତେକ ଅଂଶରେ ବସ୍ ଚଳାଚଳ କରୁଅଛନ୍ତି । ଏହି କମ୍ପାନୀ ୧୯୫୧ ମସିହାରେ ଶତକଡ଼ା ୧.୧ ଟଙ୍କା, ୧୯୫୨ ମସିହାରେ ଶତକଡ଼ା ଟ୫୪, ୧୯୫୩-୫୪ରେ ଶତକଡ଼ା ଟ୪୯, ୧୯୫୪-୫୫ରେ ଶତକଡ଼ା ଟ୫୯ ଓ ୧୯୫୫-୫୬ରେ ଶତକଡ଼ା ଟ୬୯ ଲଭ୍ୟାଂଶ ଦେଇଥିଲେ । ୧୯୫୬-୫୭ରେ କମ୍ପାନୀ ଶତକଡ଼ା ଟ୫୯ ଦେବେ ବୋଲି ଆଶା କରାଯାଏ । ମୂଳଧନ ଅଭାବରୁ ଏହି କମ୍ପାନୀ ଆଗେଇ ପାରୁନାହିଁ ।

**ଦ୍ୱିତୀୟ ଯୋଜନାରେ ଅଗ୍ରଗତି:**— ଉଭୟ ସରକାରୀ ଓ ଅର୍ଦ୍ଧ-ସରକାରୀ କ୍ଷେତ୍ରରେ ଚାଲୁଥିବା ରାସ୍ତା ଯାନବାହନ ବ୍ୟବସ୍ଥାର ସମ୍ପ୍ରସାରଣ ଓ ଉନ୍ନତିବିଧାନ ପାଇଁ ରାଜ୍ୟ ସରକାର ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାକାଳ ପାଇଁ ୮୫ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରିଛନ୍ତି । ଯୋଜନା କମିଶନ ଏହି ବ୍ୟବସ୍ଥାକୁ ଅନୁମୋଦନ କରିଛନ୍ତି । ଯୋଜନା କମିଶନ ଏ ବିଷୟରେ ଗୋଟିଏ ସର୍ତ୍ତ ରଖିଛନ୍ତି ଯେ ଗୋଟିଏ ରାସ୍ତା ଯାନବାହନ କର୍ପୋରେସନ ଗଠିତ ହେବ ଓ ତହିଁରେ ଭାରତ ସରକାର ରେଳବାଇ ବିଭାଗ ଜରିଆରେ ଅଂଶ ଗ୍ରହଣ କରିବେ ।

୧୯୫୬-୫୭ ଓ ୧୯୫୭-୫୮ରେ ଭାରତ ସରକାରଙ୍କଠାରୁ ଋଣ ବାବଦରେ କୌଣସି ସାହାଯ୍ୟ ନ ମିଳିବାରୁ ଏ ଦିଗରେ ଆଶାନୁରୂପ କାର୍ଯ୍ୟ ହୋଇ ପାରିଲା ନାହିଁ । ଭାରତ ସରକାର ମଧ୍ୟ ରାସ୍ତା ଯାନବାହନ କର୍ପୋରେସନ ଗଠନ ପାଇଁ ଜିଦ୍ ଧରିବାରୁ ଏ ଦିଗରେ ବିଶେଷ କିଛି ହୋଇ ପାରିନାହିଁ ।

# ପରିବହନ ଓ ରାସ୍ତାଘାଟ

**ପାରାଦ୍ୱୀପ** :—ପାରାଦ୍ୱୀପ ବନ୍ଦରର ଉନ୍ନତିସାଧନ ନିମନ୍ତେ ୧୯୫୭-୫୮ ମସିହାରେ ଟ୮,୬୮,୦୦୦ର ବଜେଟ୍ ଅଟକଳ କରାଯାଇଥିଲା । ପାରାଦ୍ୱୀପବାଟେ ଲୁହାପଥର ରପ୍ତାନି କରିବା ନିମନ୍ତେ ରାଜ୍ୟ ସରକାର ୪୦ ଲକ୍ଷ ଟଙ୍କାର ଗୋଟିଏ ଯୋଜନା ତିଆରି କରିଥିଲେ । ଏ ସମ୍ପର୍କରେ ଭାରତ ସରକାରଙ୍କ ବିଭିନ୍ନ ଦପ୍ତରରେ ଆଲୋଚନା ହୋଇ ଶେଷରେ ଦୁଇଟି ଯୋଜନା ମଞ୍ଜୁର ହୋଇଅଛି । ପ୍ରଥମରେ ବର୍ଷକୁ ପାରାଦ୍ୱୀପବାଟେ ୩ ଲକ୍ଷ ଟନ୍ ଲୁହାପଥର ରପ୍ତାନି କରିବାପାଇଁ ଗୋଟିଏ ଯୋଜନା ତିଆରି କରିବାକୁ ହେବ । ଏହି ବନ୍ଦରବାଟେ ପରୀକ୍ଷାମୂଳକ ଭାବରେ ୫୦ ହଜାର ଟନ୍ ଲୁହାପଥର ରପ୍ତାନି କରିବା ନିମନ୍ତେ ୧୯୫୭-୫୮ ମସିହାରେ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଅଟକଳ କରାଯାଇଥିଲା ।

ଏ ବାବଦରେ ରାଜ୍ୟ ସରକାର ଯେଉଁ ପରିକଳ୍ପନା କରିଥିଲେ ସେଥିରେ ଏକକାଳୀନ ଖର୍ଚ୍ଚ ୧୭·୭୧ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଥିଲା । ଏଥିମଧ୍ୟରୁ ୪ ଲକ୍ଷ ଟଙ୍କା ଦେଶୀ ଡଙ୍ଗା ତିଆରି କରିବାରେ ଖର୍ଚ୍ଚ ହେବ । ପରୀକ୍ଷାମୂଳକଭାବରେ ଯେଉଁ ଯୋଜନା କରାଯାଇଥିଲା, ସେଥିରେ ଏହି ଡଙ୍ଗା ତିଆରି କଥା କଳ୍ପନା କରାଯାଇ ନ ଥିଲା । କିନ୍ତୁ ଡଙ୍ଗା ପାଇଁ ଅନ୍ୟ ଲୋକଙ୍କ ଉପରେ ନିର୍ଭର ନ କରି ସରକାରଙ୍କ ତରଫରୁ ଡଙ୍ଗା ତିଆରି କରିବା ସୁବିଧାଜନକ ମନେ ହେଲା । ଆଉ ମଧ୍ୟ ପ୍ରଥମେ ସରକାର ଯେଉଁ ଲୁହାପଥର କିଣିବେ, ତାହାର ମୂଲ୍ୟ ହୁଏତ ସଙ୍ଗେ ସଙ୍ଗେ

ମିଳି ନ ପାରେ । ଏ ବାବଦରେ ଅନ୍ୟାନ୍ୟ ଖର୍ଚ୍ଚ ମଧ୍ୟ ଅଛି । ଏହି ସବୁ ଖର୍ଚ୍ଚ ତୁଲାଇବା ପାଇଁ ଅତିରିକ୍ତ ବଜେଟରେ ୧୬,୬୧,୨୦୦ ଟଙ୍କା ବରାଦ କରାଯାଇଛି । ମୋଟ ବରାଦ ଟଙ୍କା ୨୫,୨୯,୨୦୦ ମଧ୍ୟରୁ ଚଳିତ ବର୍ଷ ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ୧୦ ଲକ୍ଷ ୧୫ ହଜାର ଟଙ୍କା ଖର୍ଚ୍ଚ ହୋଇଛି ।

୫୦ ହଜାର ଟନ୍ ଲୁହାପଥର ମଧ୍ୟରୁ ଜେନାପୁର କେନାଲ ମୁଣ୍ଡରେ ପ୍ରାୟ ୬,୨୦୦ ଟନ୍ ରଖାଯାଇଛି ଏବଂ ପ୍ରାୟ ୨୦୦୦ ଟନ୍ ପାରାଦ୍ୱୀପ ବନ୍ଦର ନିକଟକୁ ପଠାଯାଇଛି । ସମୁଦ୍ରକୂଳଠାରୁ ½ ମାଇଲ ଦୂରରେ ନଙ୍ଗର ପକାଉଥିବା ଜାହାଜ ନିକଟକୁ ଲୁହାପଥର ବୋହି ନେବା ପାଇଁ ୧୧.୨୦ ଲକ୍ଷ ଟଙ୍କାରେ ୪ ଗୋଟି ନୌକା କିଣାଯାଇଛି ।

୧୯୫୮ ମସିହା ଜାନୁଆରୀ ୬ ତାରିଖରେ ପାରାଦ୍ୱୀପ ଗୋଟିଏ ଶ୍ରେଷ୍ଠ ବନ୍ଦରରୂପେ ଘୋଷିତ ହୋଇଅଛି ।

ପାରାଦ୍ୱୀପର ଉନ୍ନତି ପାଇଁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କଠାରୁ ୪.୨୫ ଲକ୍ଷ ଟଙ୍କା ଋଣ ସାହାଯ୍ୟ ପାଇଛନ୍ତି । ୫୦ ହଜାର ଟନ୍ ଲୁହାପଥର ରପ୍ତାନି କରିବା ପାଇଁ ଯେଉଁ ପରୀକ୍ଷାମୂଳକ ଯୋଜନା ପ୍ରସ୍ତୁତ କରାଯାଇଛି, ସେ ବାବଦରେ ଭାରତ ସରକାରଙ୍କଠାରୁ ୧୬.୬୧ ଲକ୍ଷ ଟଙ୍କା ଋଣ ସାହାଯ୍ୟ ମିଳିବ ବୋଲି ଆଶା ଅଛି ।

ପାରାଦ୍ୱୀପଠାରେ ସମୁଦ୍ରକୂଳରେ ଗୋଟିଏ ବଙ୍ଗଳା ତିଆରି ହେଉଅଛି । ନିର୍ମାଣ ବିଭାଗ କୁଜଙ୍ଗର ଅନନ୍ତପୁରଠାରୁ ପାରାଦ୍ୱୀପ

ପର୍ଯ୍ୟନ୍ତ ଗୋଟିଏ ପକ୍କା ରାସ୍ତା ତିଆରି କରିବେ ବୋଲି ସ୍ଥିର କରିଛନ୍ତି ।

ପାରାଦ୍ୱୀପ ବନ୍ଦର ପାଇଁ ଆବଶ୍ୟକୀୟ ନିୟମ ତିଆରି ହୋଇସାରିଛି ଓ ଖୁବ ନିକଟରେ ଏଠାରୁ ଲୁହାପଥର ରପ୍ତାନି କରାଯାଇ ବନ୍ଦର ଚାଲୁ କରାଯିବ ।

**ଚାନ୍ଦବାଲି:**—ମଫସଲ ଅଞ୍ଚଳରେ ଥିବା ଲୋକଙ୍କୁ ଚାନ୍ଦବାଲି ବାଟେ ଜିନିଷପତ୍ର ଯୋଗାଇ ଦିଆଯାଏ । ଜିନିଷପତ୍ର ରପ୍ତାନି କରିବାପାଇଁ ଏହା ମଧ୍ୟ ଗୋଟିଏ ଖୁବ ଉପଯୁକ୍ତ ବନ୍ଦର । ତେଣୁ ଦ୍ୱିତୀୟ ଯୋଜନାରେ ସରକାର ଏହାର ଉନ୍ନତିସାଧନ କରିବା ନିମନ୍ତେ ଚେଷ୍ଟା କରୁଛନ୍ତି । ଏ ବାବଦରେ ୨·୩୦ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ କରାଯାଇଛି । ବାଏାଁ ଓ ଚେନ୍ କିଣିବା, ସଙ୍କେତ ଆଲୋକର ପରିବର୍ତ୍ତନ କରିବା, ବନ୍ଦର କାମ ପାଇଁ ଗୋଟାଏ ନୂଆ ନୌକା ତିଆରି କରିବା, ଏମ୍ ଏଲ୍. ପର୍ଲ ନାମକ ଜାହାଜ ମରାମତି କରିବା ଓ ଏହାର ପେଟ୍ରୋଲଚାଳିତ ଇଞ୍ଜିନ୍‌କୁ ବଦଳାଇ ଡିଜେଲ ଇଞ୍ଜିନରେ ପରିଣତ କରିବା ଏବଂ ବୈତରଣୀ ଓ ଧାମରା ନଦୀର ଗଭୀରତା ମାପଚୁପ କରିବା ପ୍ରଭୃତି କାର୍ଯ୍ୟ ନିମନ୍ତେ ଏହି ଟଙ୍କା ଖର୍ଚ୍ଚ ହେବ । ବାଏାଁ ଓ ଚେନ୍ କିଣା ସରିଲାଣି ଏବଂ ଆଲୋକ ସଙ୍କେତ ବଦଳା ସରିଲାଣି । ଅନ୍ୟାନ୍ୟ କାମ ମଧ୍ୟ ଆଗେଇ ଚାଲିଛି । ଏ ବାବଦରେ ୧,୭୭,୦୪୭ ଟଙ୍କା ଖର୍ଚ୍ଚ ହୋଇ-ସାରିଲାଣି ଓ ଚଳିତ ବର୍ଷ ଆହୁରି ୨୫,୭୩୯ ଟଙ୍କା ଖର୍ଚ୍ଚ ହେବ । ଆସନ୍ତା ଆର୍ଥିକ ବର୍ଷ ମଧ୍ୟରେ ଧାମରା ଓ ବୈତରଣୀ ନଦୀର ଗଭୀରତା ମାପଚୁପ କରାଯିବ ।

# ରାସ୍ତା

**ପୂର୍ତ୍ତ ବିଭାଗ ରାସ୍ତା** :—ସମୁଦାୟ ଯୋଜନାକାଳ ପାଇଁ ମୋଟରେ ୫୦୫ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି । ୧୯୫୬-୫୭ରେ ୧୧୯.୫୪ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ସିରସ୍ତା' ବାବଦ ଖର୍ଚ୍ଚ ଏଥିରୁ ବାଦ ଦିଆଯାଇଛି । ୧୯୫୭-୫୮ ପାଇଁ ବଜେଟରେ ୯୫.୫୭ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଥିଲା । ଯୋଜନାଗୁଡ଼ିକୁ କେବଳ ଚାଲୁ ରଖିବା ସକାଶେ ୧୯୫୮-୫୯ ପାଇଁ ୫୪.୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା ରଖାଯାଇଛି ।

ଦ୍ୱିତୀୟ ଯୋଜନାକାଳରେ ମୋଟରେ ୨୦ ମାଇଲ ରାସ୍ତା ନିର୍ମାଣ କରିବା ଓ ୧୦୦୦ ମାଇଲ ପୁରୁଣା ରାସ୍ତାର ଉନ୍ନତିବିଧାନ କରିବା ପାଇଁ ସ୍ଥିର କରାଯାଇଛି । ୭୯ଟି ପୋଲ ତିଆରି ଆରମ୍ଭ ହେବ ଓ ଏଥିମଧ୍ୟରୁ ୭୧ଟି ପୋଲ ନିର୍ମାଣ ଦ୍ୱିତୀୟ ଯୋଜନାକାଳ ମଧ୍ୟରେ ଶେଷ କରାଯିବ । ୧୯୫୬-୫୭ରେ ୭½ ମାଇଲ ନୂଆ ରାସ୍ତା ତିଆରି ହୋଇଥିଲା ଓ ୨୭୮½ ମାଇଲ ପୁରୁଣା ରାସ୍ତାର ଉନ୍ନତିବିଧାନ କରାଯାଇଥିଲା ଏବଂ ୧୭ଟି ପୋଲର ନିର୍ମାଣ ଆରମ୍ଭ କରାଯାଇଥିଲା । ୩ଟି ପୋଲ ତିଆରି ହୋଇ ସାରିଲାଣି । ୧୯୫୭-୫୮ରେ ୪ ମାଇଲ ନୂଆ ରାସ୍ତା ତିଆରି ହୋଇଥିବା, ୨୦୦ ମାଇଲ ପୁରୁଣା ରାସ୍ତାର ଉନ୍ନତିବିଧାନ କରାଯାଇଥିବା ଓ ୧୫ଟି ପୋଲ ନିର୍ମାଣ ଆରମ୍ଭ ହୋଇଥିବା ସମ୍ଭାବନା । ୧୯୫୮-୫୯ରେ ପ୍ରାୟ ୭୭ ମାଇଲ ରାସ୍ତାର ଉନ୍ନତିବିଧାନ କରାଯିବ ।

**ମ୍ୟୁନିସିପାଲିଟି ରାସ୍ତା :**—ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍‌ସିଲମାନେ ରାସ୍ତା ନିର୍ମାଣର ୩ ଭାଗରୁ ଭାଗେ ଖର୍ଚ୍ଚ ଦେଲେ ଅବଶିଷ୍ଟ ⅔ ସରକାର ଦେବେ ବୋଲି ସ୍ଥିର ହୋଇଛି । ଏହା ଅନୁସାରେ ଯେଉଁ ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍‌ସିଲମାନେ ରାସ୍ତାର ଉନ୍ନତିବିଧାନ କରିବାକୁ ଚାହିଁବେ, ସେମାନଙ୍କୁ ୩୦.୪୦ ଲକ୍ଷ ଟଙ୍କା ଦେବାପାଇଁ ଦ୍ୱିତୀୟ ଯୋଜନାରେ ବ୍ୟବସ୍ଥା କରାଯାଇଛି । ୨୨୦ ମାଇଲ ପକ୍‌କା ରାସ୍ତା ଉପରେ ପିଚ୍ ଢାଳିବା ଓ ୧୪୦ ମାଇଲ କଚ୍ଚା ରାସ୍ତା ଉପରେ ଗୋଡ଼ି ବିଛାଇବା ପାଇଁ ଯୋଜନାରେ ଲକ୍ଷ୍ୟ ରଖାଯାଇଛି ।

୪୪ ମାଇଲ ରାସ୍ତାରେ ପିଚ୍ ଢାଳିବା ଓ ୨୮ ମାଇଲ ରାସ୍ତାରେ ଗୋଡ଼ି ବିଛାଇବା ପାଇଁ ୧୯୫୬-୫୭ରେ ୬.୪୭ ଲକ୍ଷ ଟଙ୍କା ଗ୍ରାଣ୍ଟ ମଞ୍ଜୁର ହୋଇଥିଲା । ୧୯୫୭-୫୮ରେ ୫୬ ମାଇଲ ରାସ୍ତାରେ ପିଚ୍ ଢାଳିବା ଓ ୮୮ ମାଇଲ ରାସ୍ତାରେ ଗୋଡ଼ି ବିଛାଇବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ୧୯୫୭-୫୮ର ସଂଶୋଧିତ ଅଟକଳ ଅନୁସାରେ ୬ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା କରାଯାଇଥିଲା । ୭୨ ମାଇଲ ମ୍ୟୁନିସିପାଲିଟି ରାସ୍ତାର ଉନ୍ନତିବିଧାନ ସକାଶେ ୧୯୫୮-୫୯ ପାଇଁ ୫.୯୭ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

**ଅଞ୍ଚଳ ରାସ୍ତା :**—ଯୋଜନାରେ ମୋଟରେ ୧୭.୫୦ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି । ୧୯୫୬-୫୭ରେ ୮.୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା ଓ ପ୍ରାୟ ୨୨୫ ମାଇଲ ରାସ୍ତା ତିଆରି ହୋଇଥିଲା ଓ ୩୬୫ ମାଇଲ ରାସ୍ତାର ଉନ୍ନତିବିଧାନ କରାଯାଇଥିଲା । ୩୨ ମାଇଲ ରାସ୍ତାର ନିର୍ମାଣ ଓ ୧୧୩ ମାଇଲ ରାସ୍ତାର

ଉନ୍ନତିବିଧାନ ପାଇଁ ୧୯୫୭-୫୮ରେ ୨ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଥିଲା । ୧୯୫୮-୫୯ରେ ୩୨ ମାଇଲ ନୂଆ ରାସ୍ତାର ନିର୍ମାଣ ଓ ୧୧୩ ମାଇଲ ପୁରୁଣା ରାସ୍ତାର ଉନ୍ନତି ସକାଶେ ୨ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି ।

**ଜାତୀୟ ରାଜପଥ :**—ଜାତୀୟ ରାଜପଥ କାର୍ଯ୍ୟକ୍ରମ ପାଇଁ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ୪ କୋଟି ୯୦ ଲକ୍ଷ ୩୮ ହଜାର ଟଙ୍କା ରଖାଯାଇଛି । ପ୍ରଥମ ଯୋଜନାରୁ ବଳି ପଡ଼ିଥିବା ୭୯ ଲକ୍ଷ ୩୧ ହଜାର ଟଙ୍କାର କାମ ଏଥିର ଅନ୍ତର୍ଭୁକ୍ତ ।

୧୯୫୬-୫୭ ମସିହାରେ ନୂଆ କାମରେ ୨୯ ଲକ୍ଷ ୫୧ ହଜାର ଟଙ୍କା ଓ ମରାମତିରେ ୨୪ ଲକ୍ଷ ୧୩ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ୧୩୭½ ମାଇଲ ରାସ୍ତା ଉପରେ ପିଚୁ ପଡ଼ିଥିଲା । ୮୯ଟି ଗଳି ତିଆରି ହୋଇଥିଲା । ୨୨ ମାଇଲ ନୂଆ ରାସ୍ତା ତିଆରି ହୋଇଥିଲା ଓ ୮୩½ ମାଇଲ ରାସ୍ତା ଚଉଡ଼ା କରାଯାଇ ଗୋଡ଼ି ବିଛାଯାଇଥିଲା । ୬ ନମ୍ବର ଜାତୀୟ ରାଜପଥରେ ମାଲଖାନଗିରି ଉପରେ ପୋଲ ତିଆରି କାମ ଶେଷ ହୋଇଥିଲା ଓ ୪୨ ନମ୍ବର ଜାତୀୟ ରାଜପଥରେ ସିଂଗିଲ ଯୋଡ଼, ବାଲିଚୁଣି ଯୋଡ଼ ଓ ବାଙ୍କୁରିଶିଙ୍ଗା ନଳା ଏବଂ ୬ ନମ୍ବର ଜାତୀୟ ରାଜପଥରେ ହରଡ଼ ନଳା ଏବଂ ୪୩ ନମ୍ବର ଜାତୀୟ ରାଜପଥରେ ସୁରଲଗେଡ଼ା ନଳା ଉପରେ ପୋଲ ତିଆରି କାମ ଚାଲିଥିଲା ।

୧୯୫୭-୫୮ ମସିହାରେ ନୂଆ କାମରେ ୧୪ ଲକ୍ଷ ୮୯ ହଜାର ଟଙ୍କା ଓ ମରାମତି କାମରେ ୨୪ ଲକ୍ଷ ୮୧ ହଜାର ଟଙ୍କା

ଖର୍ଚ୍ଚ ହୋଇଥିଲା । ସେହି ବର୍ଷ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ କରାଯାଉଥିଲା :—

୧ । ରେଳରାସ୍ତାଠାରୁ ଖଣ୍ଡଗିରି ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ରାଜପଥ ନିର୍ମାଣ ।

୨ । ଖଣ୍ଡଗିରିଠାରୁ କଟକ, ଗଞ୍ଜାମ ରାସ୍ତାର ୧୦ ମାଇଲ ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ରାଜପଥ ନିର୍ମାଣ ।

୩ । ସୁର୍‌ଲିଗେଡ଼ା ପୋଲ ।

୪ । ଟଙ୍ଗାପଲିଠାରୁ କଳାପଡ଼ା ପର୍ଯ୍ୟନ୍ତ ୬ ନମ୍ବର ଜାତୀୟ ରାଜପଥ ନିର୍ମାଣ ।

୫ । କେନ୍ଦ୍ର ନିର୍ମିତ ରାସ୍ତାର ½ ମାଇଲଠାରେ ଥିବା ପୋଲର କାଠ ପଟାତଳ ବଦଳରେ ସିମେଣ୍ଟ କଂକ୍ରିଟ୍ ପଟାତଳ ନିର୍ମାଣ ।

୬ । ୪୨ ନମ୍ବର ଓ ୨୬ ନମ୍ବର ଜାତୀୟ ରାଜପଥ ମଧ୍ୟରେ ସଂଯୋଗକାରୀ ରାସ୍ତା ନିର୍ମାଣ ।

୭ । ସିଙ୍ଗୁଡ଼ ଯୋଡ଼ ଉପରେ ପୋଲ ତିଆରି ।

୮ । ବାଲିଛକି ଯୋଡ଼ ଉପରେ ପୋଲ ତିଆରି ।

୯ । ଝାଇଁ ଯୋଡ଼ ଉପରେ ପୋଲ ତିଆରି ।

୧୦ । ମଠ ଯୋଡ଼ ଉପରେ ପୋଲ ତିଆରି ।

୧୧ । ବଡ଼ସୁଆର ଓ ବାରିପଦା ମଧ୍ୟରେ ୫ ନମ୍ବର ରାଜପଥ ଉପରେ କଳା ଗେଟି ଉପରେ ପିଚୁ ଢାଳିବା ।

୧୨ । ଦେବଗଡ଼-ଗୌଡ଼ପାଲି ମଧ୍ୟରେ ୬ ନମ୍ବର ଜାତୀୟ ରାଜପଥର ଉନ୍ନତିସାଧନ ।

୧୩ । ନନ୍ଦ ଯୋଡ଼ ଉପରେ ପୋଲ ।

୧୪ । ୪୨ ନମ୍ବର ଜାତୀୟ ରାଜପଥର ୫୪ ମାଇଲଠାରୁ ୧୨୮ ମାଇଲ ପର୍ଯ୍ୟନ୍ତ କଳା ଗେଟି ବିଛାଇବା ।

୧୫ । ବାଲେଶ୍ୱରଠାରୁ ଭଦ୍ରଖ ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ରାଜପଥର ଉନ୍ନତି ।

୧୬ । ୬ ନମ୍ବର ଜାତୀୟ ରାଜପଥର କେନ୍ଦୁଝର-ଓଡ଼ିଆ ରାସ୍ତାର ଉନ୍ନତି ।

୧୭ । ୬ ନମ୍ବର ଜାତୀୟ ରାଜପଥର ଦେୌରପାଲଠାରୁ ବଦର୍ମା ମଧ୍ୟରେ ୧୪ଟି ଶଙ୍କ ତିଆରି ।

୧୮ । ୬ ନମ୍ବର ଜାତୀୟ ରାଜପଥରେ ବରଗଡ଼ କେନାଲ ଉପରେ ପୋଲ ନିର୍ମାଣ ।

୧୯ । କାସୁକୁଦ ନଳା ଉପରେ ପୋଲ ତିଆରି ।

୧୯୫୮-୫୯ ମସିହା ପାଇଁ ନୂଆ କାମ ବାବଦରେ ୧୦୦ ଲକ୍ଷ ଟଙ୍କା ଓ ମରାମତି ବାବଦରେ ୨୬ ଲକ୍ଷ ୧୨ ହଜାର ଟଙ୍କା ଖର୍ଚ୍ଚର ପ୍ରସ୍ତାବ ଅଛି । ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ହାତକୁ ନିଆଯିବ ଓ ଅସମାପ୍ତ କାର୍ଯ୍ୟଗୁଡ଼ିକ ଚାଲୁ ରହିବ :—

୧ । କଟକ ଓ ଭୁବନେଶ୍ୱର ଭିତରେ ଦୋହରି ଗାଡ଼ିରାସ୍ତା ( ୫ ନମ୍ବର ଜାତୀୟ ରାଜପଥର) ଉନ୍ନତି ।

୨ । ପାଲଲହଡ଼ା ଶାଖା ରାସ୍ତା ।

୩ । ଦେବଗଡ଼ଠାରୁ ବରକୋଟ ପର୍ଯ୍ୟନ୍ତ ୬ ନମ୍ବର ଜାତୀୟ ରାଜପଥକୁ ଚଉଡ଼ା କରାଯିବ ଓ ସାନ ଗୋଡ଼ି ବିଛାଯିବ ।

୪ । କଳାପଡ଼ାରୁ ଦେୌରପାଲ ପର୍ଯ୍ୟନ୍ତ ୬ ନମ୍ବର ଜାତୀୟ ରାଜପଥର ଉନ୍ନତି ।

୫ । ବୈତରଣୀ ପୋଲ ନିକଟକୁ ପଶ୍ଚିମ ଓ ପୂର୍ବ ପାଖରୁ ପଡ଼ିଥିବା ରାସ୍ତା ଉପରେ ମାଟି ଓ ଗେଟି ବିଛାଇବା ।

୬ । ଦେବଗଡ଼ ଶାଖାରାସ୍ତା ।

୭ । ବରକୁଣ୍ଡଠାରୁ ବାଲକୋଷି ପର୍ଯ୍ୟନ୍ତ ୬ ନମ୍ବର ଜାତୀୟ ରାଜପଥର ଉନ୍ନତି ।

୮ । ବଡ଼ଗାଁ ଓ ଲୋହାର ଚଲ୍ତି ମଧ୍ୟରେ ୬ ନମ୍ବର ଜାତୀୟ ରାଜପଥ ଉପରେ କଳାଗେଟି ବିଛାଇବା ଓ ଚଉଡ଼ା କରିବା ।

୯ । ନିର୍ଗୁଣ୍ଡିଠାରୁ ଧର୍ମଶାଳା ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ରାଜପଥର ଉନ୍ନତି ।

୧୦ । ୬ ନମ୍ବର ଜାତୀୟ ରାଜପଥରେ ଧଉଳ ନଦୀ ଉପରେ ପୋଲ ।

୧୧ । ମହାନଦୀର ବାମତଟ ନିକଟରୁ ନିର୍ଗୁଣ୍ଡି ଲେଭଲ କ୍ରସିଂ ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ରାଜପଥ ନିର୍ମାଣ ।

୧୨ । ଭଦ୍ରଖଠାରୁ ବୈତରଣୀ ପୋଲର ଦକ୍ଷିଣପାଖ ପର୍ଯ୍ୟନ୍ତ ୫ ନମ୍ବର ଜାତୀୟ ରାଜପଥର ଉନ୍ନତି ।

୧୩ । କେନ୍ଦୁଝରଠାରୁ ପାଲଲହଡ଼ା ରାସ୍ତାର ୧୯ ମାଇଲ ପର୍ଯ୍ୟନ୍ତ ୬ ନମ୍ବର ଜାତୀୟ ରାଜପଥର ଉନ୍ନତି ।

୧୪ । ୫ ନମ୍ବର ଜାତୀୟ ରାଜପଥରେ ବିରୂପା ନଦୀ ଉପରେ ପୋଲ ନିର୍ମାଣ ।

୧୫ । ୫ ନମ୍ବର ଜାତୀୟ ରାଜପଥରେ ବ୍ରାହ୍ମଣୀ ଓ ଖରସୁଆଁ ନଦୀ ଉପରେ ପୋଲ ନିର୍ମାଣ ।

**ଅନ୍ୟାନ୍ୟ ରାସ୍ତା କାର୍ଯ୍ୟକ୍ରମ :**— ଭାରତ ସରକାର ନିମ୍ନଲିଖିତ ପରିମାଣରେ କେନ୍ଦ୍ର ରାସ୍ତାପାଣ୍ଠିରୁ ଗ୍ରାଣ୍ଟ-ସାହାଯ୍ୟ

ହେବେ । ଏହି ଟଙ୍କାରେ କାର୍ଯ୍ୟକାରୀ ହେବାକୁ ରାଜ୍ୟ ସରକାର ଏକ ରାସ୍ତା ଯୋଜନା ପାଇଁ ପ୍ରସ୍ତାବ ତିଆରି କରିଛନ୍ତି ।

(୧) କେନ୍ଦ୍ର ରାସ୍ତାପାଣ୍ଠି

(କ) ସଂରକ୍ଷିତ ... ୧୩୦·୪୭ ଲକ୍ଷ

(ଖ) ଅର୍ଥ-ସାହାଯ୍ୟ ... ୧୨୦·୫୭ ଲକ୍ଷ


(୨) ଆନ୍ତଃରାଜ୍ୟ ରାସ୍ତା କମ୍ବା ଆର୍ଥନୀତିକ ଗୁରୁତ୍ୱପୂର୍ଣ୍ଣ ରାସ୍ତାର ଉନ୍ନତି ପାଇଁ ଗ୍ରାଣ୍ଟ ସାହାଯ୍ୟ...୬୯·୫୭ ଲକ୍ଷ—ଧର ୭୦ ଲକ୍ଷ ।

ଏହି ସବୁ ପ୍ରସ୍ତାବ ମଧ୍ୟରୁ କେନ୍ଦ୍ର ରାସ୍ତାପାଣ୍ଠିର ସଂରକ୍ଷିତ ଗ୍ରାଣ୍ଟରୁ ୩୦ ଲକ୍ଷ ଟଙ୍କାର, କେନ୍ଦ୍ର ରାସ୍ତାପାଣ୍ଠିରୁ ଅର୍ଥ-ସାହାଯ୍ୟ ଗ୍ରାଣ୍ଟରୁ ୬୧·୬୭ ଲକ୍ଷ ଟଙ୍କାର ଏବଂ ଭାରତ ସରକାରଙ୍କ ଗ୍ରାଣ୍ଟ ସାହାଯ୍ୟରୁ ୬୩·୯୬ ଲକ୍ଷ ଟଙ୍କାର କାର୍ଯ୍ୟ ଦ୍ୱିତୀୟ ଯୋଜନା-କାଳରେ କରାଯିବାର ପ୍ରସ୍ତାବ ଅଛି ।


୧୯୫୬-୫୭ ମସିହାରେ ବିଭିନ୍ନ କାର୍ଯ୍ୟକ୍ରମରେ ଖର୍ଚ୍ଚ ଓ ୧୯୫୭-୫୮ର ସଂଶୋଧିତ ଅଟକଳ ନିମ୍ନରେ ଦିଆଗଲା:—

ଲକ୍ଷ ଟଙ୍କା ହିସାବରେ

| | | | |
|---|---|---|---|
| (୧) କେନ୍ଦ୍ର ରାସ୍ତାପାଣ୍ଠି | ... | ୧୯୫୬-୫୭ | ୧୯୫୭-୫୮ |
| (କ) ସଂରକ୍ଷିତ ପାଣ୍ଠି | ... | ୫·୮୧ | ୩·୬୮ |
| (ଖ) ଅର୍ଥସାହାଯ୍ୟ ପାଣ୍ଠି | ... | ୪·୩୯ | ୨·୦୯ |
| (୨) ଆନ୍ତଃରାଜ୍ୟ ବା ଆର୍ଥନୀତିକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଉନ୍ନୟନ ସକାଶେ ଗ୍ରାଣ୍ଟ ସାହାଯ୍ୟ | ... | ୬·୫୪ | ୮·୫୦ |



ପାରାଦ୍ୱୀପ ବନ୍ଦର ଅଭିମୁଖେ ଯାଉଥିବା ଏକ ଲୁହାପଥର ବୋଝାଇ ଡଙ୍ଗା । ଏହିପରି ଭାବରେ ଲୁହାପଥର ବୁହା ହୋଇ ଏ ପର୍ଯ୍ୟନ୍ତ ୭ ହଜାର ଟନ୍‌ରୁ ଅଧିକ ଲୁହାପଥର ପାରାଦ୍ୱୀପରେ ଜମା ହେଲାଣି । ଚଳିତ ବର୍ଷ ୫୧ ହଜାର ଟନ୍ ବିଦେଶକୁ ରପ୍ତାନି ହେବ



ବୈତରଣୀ ନଦୀ ଉପରେ ପୋଲ

**କେନ୍ଦ୍ର ରାସ୍ତା-ପାଣି ଯୋଜନା:**—କେନ୍ଦ୍ର ରାସ୍ତା-ପାଣିରୁ ଯେଉଁ ଯେଉଁ ରାସ୍ତା ଉନ୍ନୟନ ପାଇଁ ସାହାଯ୍ୟ ଦିଆଯିବ, ସେଥିମଧ୍ୟରୁ ବଡ଼ ବଡ଼ ରାସ୍ତା ଓ ପୋଲ କରାଯିବ । ପ୍ରଥମ ଯୋଜନାକାଳରୁ ଚାଲୁରହିଥିବା ନିମ୍ନଲିଖିତ କାମ ସମ୍ପୂର୍ଣ୍ଣ ହୋଇଛି:—

୧ । ବଉଦ-ଫୁଲବାଣୀ ରାସ୍ତାରେ ହାଣ୍ଡି ନଦୀ ଉପରେ ପୋଲ ।
୨ । „ „ ମୁଦ୍ରାନଳା ଉପରେ ପୋଲ ।
୩ । କେନ୍ଦୁଝର-ମୟୂରଭଞ୍ଜ ରାସ୍ତାରେ ପାଙ୍ଗାନ୍ ନଦୀ ଉପରେ ପୋଲ ।
୪ । ରାଜ୍ୟ ରାଜପଥ ନ୨ମ୍ବର ବେଲଗାଁଠାରେ ତେଲନଦୀ ଉପରେ ପୋଲ ।
୫ । ଏସ. ଯେ. ରାସ୍ତାରେ ବନ୍ଧନଳା ଉପରେ ପୋଲ ।
୬ । ପି. ପି. ରାସ୍ତାରେ ନାଗବାଲି ନଦୀ ଉପରେ ପୋଲ ।
୭ । ୧୮ ନମ୍ବର ପ୍ରଧାନ ଜିଲ୍ଲା ରାସ୍ତାରେ ହାଡ଼ୁଆନଳା ଉପରେ ପୋଲ ।
୮ । ୧୦ ନମ୍ବର 'ଖ' ରାଜ୍ୟ ରାଜପଥର ମହାଦେବନାଶା ନଦୀ ଉପରେ ପୋଲ ।

୧୯୫୭-୫୮ ମସିହା ଶେଷ ସୁଦ୍ଧା ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ଚାଲୁରହିଥିଲା:—

୧ । ୧୦ ନମ୍ବର 'ଖ' ରାଜ୍ୟ ରାଜପଥର ବୈତରଣୀ ନଦୀ ଉପରେ ପୋଲ ।
୨ । ୫ ନମ୍ବର ପ୍ରଧାନ ଜିଲ୍ଲା ରାସ୍ତାରେ ନାଳୁଆ, କଳା ଓ କାଣ୍ଡଆଳୀ ନଦୀ ଉପର ପୋଲ ।

୩ । ୨୭ ନମ୍ବର ପ୍ରଧାନ ଜିଲ୍ଲା ରାସ୍ତାରେ ଇବ୍ ନଦୀ ଉପରେ ପୋଲ ।

୪ । ପିପିଲି କୋଣାର୍କ ରାସ୍ତାର ଉନ୍ନତି ଏବଂ ପୋଲ ଓ ଗଡ଼ଖାଇ ତିଆରି ।

୫ । ମାଲକାନ୍‌ଗିରି—ମଟୋ ରାସ୍ତାର ଉନ୍ନତି ଏବଂ ପୋଲ ଓ ଗଡ଼ଖାଇ ତିଆରି ।

**ଆନ୍ତଃରାଜ୍ୟ ବା ଅର୍ଥନୈତିକ ଗୁରୁତ୍ୱପୂର୍ଣ୍ଣ ରାସ୍ତା-ଗୁଡ଼ିକର ଉନ୍ନୟନ ପାଇଁ ଗ୍ରାଣ୍ଟ ସାହାଯ୍ୟ:**—ଭାରତ ସରକାରଙ୍କଠାରୁ ଗ୍ରାଣ୍ଟ ସାହାଯ୍ୟ ନେଇ ଯେଉଁ ରାସ୍ତା ଉନ୍ନୟନ ନିର୍ମାଣ କାର୍ଯ୍ୟକାରୀ କରାଯିବ, ସେଥିରେ ୯ଟି ଯୋଜନା ରହିଛି । ସେଥିମଧ୍ୟରୁ ନିମ୍ନୋକ୍ତ ୭ଟି ରାସ୍ତା ୧୯୫୭-୫୮ ଶେଷ ସୁଦ୍ଧା ଚାଲୁ ରହିଥିଲା । ବାକି ଦୁଇଟି ଯୋଜନା; ଅର୍ଥାତ୍ (୧) କନ୍ଦରପୁର—ମାଛଗାଁ ରାସ୍ତା ଓ (୨) କଟକ—କୁଜଙ୍ଗ ରାସ୍ତାର ପ୍ଲାନ ଏଷ୍ଟିମେଟ୍ ଭାରତ ସରକାର ଅନୁମୋଦନ କଲେ ତାହାର କାର୍ଯ୍ୟ କରାଯିବ ।

**ଚାଲୁ ରହିଥିବା କାମ :—**

୧ । କୋଇଡ଼ା ଓ ବଡ଼ବିଲ ମଧ୍ୟରେ ୩୫ ମାଇଲଠାରୁ ୪୩ ମାଇଲସ୍ଥ କେନ୍ଦୁଝର ସୀମା ପର୍ଯ୍ୟନ୍ତ (ରାଜ୍ୟ ରାଜପଥ ୧୦) ଥିବା ରାସ୍ତାର ଉନ୍ନତି ।

୨ । ଦଶପଲ୍ଲା—ବଉଦ ରାସ୍ତା (ରା: ରା: ୧)ର ଉନ୍ନତି ।

୩ । କଙ୍କାମୁଣ୍ଡି—ଡେରଙ୍ଗାବାଡ଼ିରୁ ମୋହନା—ଚନ୍ଦ୍ରିକୁଟ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି:—

(କ) ପ୍ରଥମ ଅଂଶ—କଙ୍କାମୁଣ୍ଡିରୁ ଡେରଙ୍ଗାବାଡ଼ି ।

(ଖ) ଦ୍ୱିତୀୟ ଅଂଶ—ଡେରଙ୍ଗାବାଡ଼ିରୁ ଡେସିଙ୍ଗାବାଡ଼ି ।

୪ । ରାଜଘାଟଠାରୁ ବଙ୍ଗସୀମା ପର୍ଯ୍ୟନ୍ତ ଓଡ଼ିଶା ଟ୍ରଙ୍କ୍ ରୋଡ୍‌ର ଉନ୍ନତି ।

୫ । ଯାଜପୁର—ମଙ୍ଗଳପୁର ରାସ୍ତାରେ ଗୋଡ଼ି ବିଛାଇବା ।

୬ । ରେମିଲ—ଭଦ୍ରାସାଇ ରାସ୍ତା (ରା: ରା: ୧୦ ଖ)ର ନିର୍ମାଣ :—

(କ) ଦ୍ୱିତୀୟ ଅଂଶ—୫½ ମାଇଲଠାରୁ ବେଲାଇପଡ଼ା ପର୍ଯ୍ୟନ୍ତ

(ଖ) ତୃତୀୟ ଅଂଶ—ବେଲାଇପଡ଼ାଠାରୁ ଭଦ୍ରାସାଇ ପର୍ଯ୍ୟନ୍ତ ।

୭ । ଆନନ୍ଦପୁର—ବନ୍ତ ରାସ୍ତାର ଉନ୍ନତି ।

୧୯୫୮-୫୯ ମସିହାରେ ନିମ୍ନଲିଖିତରୂପେ ଖର୍ଚ୍ଚ ପାଇଁ ଟଙ୍କାର ବ୍ୟବସ୍ଥା ଅଛି :—

| | | (ଲକ୍ଷ ଟଙ୍କାରେ) |
|---|---|---|
| କେନ୍ଦ୍ର ରାସ୍ତାପାଣ୍ଠି (ସଂରକ୍ଷିତ) | ... | ୫.୪୦ |
| କେନ୍ଦ୍ର ରାସ୍ତା ପାଣ୍ଠି (ଅର୍ଥ ସାହାଯ୍ୟ) | ... | ୪.୨୦ |
| ଗ୍ରାଣ୍ଟ୍ ସାହାଯ୍ୟ | ... | ୧୫.୪୫ |

# ପ୍ରଚାର ଯୋଜନା

ପ୍ରଚାର ଯୋଜନାରେ ନିମ୍ନଲିଖିତ ୧୩ଟି ପରିକଳ୍ପନା ମୋଟ ୨୮ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ କରାଯିବାର ସ୍ଥିର ହୋଇଛି ।

**ଚଳଚ୍ଚିତ୍ର ଉତ୍ପାଦନ ୟୁନିଟ୍‌ର ସଂପ୍ରସାରଣ:**—ଏହି ଯୋଜନାରେ ରାଜ୍ୟର ବିଭିନ୍ନ ଦୃଶ୍ୟ ଓ କାର୍ଯ୍ୟାବଳୀର ଛବି ଗ୍ରହଣ କରାଯାଏ । ୧୯୫୬-୫୭ରେ ଗୋଟିଏ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି । ୧୯୫୭-୫୮ରେ ଆଉ ୩ଟି ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଉଥିଲା । ୧୯୫୮-୫୯ ମସିହାରେ ଆହୁରି ୪ଟି ଚଳଚ୍ଚିତ୍ର ନିର୍ମାଣ କରାଯିବ ।

**ଗାଁଗହଳ ପାଇଁ ରେଡ଼ିଓ ଯୋଗାଣ :**—ଏହି ଯୋଜନାରେ କ୍ଲବ୍, ପୁସ୍ତକାଗାର, ପାଠାଗାର, ସଂଘ, ଗ୍ରାମପଞ୍ଚାୟତ ପ୍ରଭୃତି ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ୧୦,୦୦୦ ରେଡ଼ିଓ ବାଣ୍ଟିବାର ପ୍ରସ୍ତାବ ଅଛି । ଭାରତ ସରକାର ରେଡ଼ିଓ ଦାମ୍‌ର ଅଧାଭାଗ ଦେବେ । ଏ ବଗରେ ରାଜ୍ୟ ସରକାରଙ୍କର ୧୨ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହେବ ଓ ସେଥିରୁ ୬ ଲକ୍ଷ ୨୫ ହଜାର ଟଙ୍କା ସରକାର ରେଡ଼ିଓ ଗ୍ରହୀତାମାନଙ୍କଠାରୁ ଆଦାୟ କରି ପାରିବେ । ୧୯୫୬-୫୭ ମସିହାରେ ୩୦୦ ସେଟ୍ ରେଡ଼ିଓ ବଣ୍ଟାଯାଇଥିଲା । ୧୯୫୭-୫୮ରେ ୧୫୦୦ ରେଡ଼ିଓ ବାଣ୍ଟିବା ପାଇଁ ମଞ୍ଜୁର କରାଯାଇଥିଲା । ୧୯୫୮-୫୯ ମସିହାରେ ୨୦୦୦ ସେଟ୍ ରେଡ଼ିଓ ବାଣ୍ଟିବାର ପ୍ରସ୍ତାବ ଅଛି ।

**ଜିଲ୍ଲା ମହକୁମାରେ ସୂଚନା କେନ୍ଦ୍ର :**—ଏହା ଏକ କ୍ରମଶଃ ଚାଲୁ ରହିବା ଯୋଜନା । ଏହି ଯୋଜନା ଅନୁସାରେ ଜିଲ୍ଲା ମହକୁମାରେ ଥିବା ପାଠାଗାରଗୁଡ଼ିକୁ ଉନ୍ନତ କରାଯାଇ ପୂର୍ଣ୍ଣାଙ୍ଗ ସୂଚନା କେନ୍ଦ୍ରରେ ପରିଣତ କରାଯିବ । ଏହି କେନ୍ଦ୍ରଗୁଡ଼ିକ ରାଜ୍ୟର ଉନ୍ନୟନ କାର୍ଯ୍ୟକଳାପ ସମ୍ପର୍କରେ ଲୋକମାନଙ୍କୁ ତଥ୍ୟ ଯୋଗାଇବାର ସୁବିଧା କରାଇବେ । ୧୯୫୮-୫୯ ମସିହାରେ ଏହି ପରିକଳ୍ପନା ଚାଲୁ ରହିବ ।

**ଘରୋଇ (ଲୋକସମ୍ପର୍କ) ବିଭାଗରେ ସୂଚନା କେନ୍ଦ୍ର**—ଏହା ଏକ କ୍ରମଶଃ ଚାଲୁ ରହିବା ଯୋଜନା । ଏତଦନୁସାରେ ୧୯୫୬-୫୭ରେ ଲୋକସମ୍ପର୍କ ବିଭାଗରେ ନିଯୁକ୍ତ କର୍ମଚାରୀମାନଙ୍କୁ କାମରେ ରଖାଯିବାର ବ୍ୟବସ୍ଥା ହୋଇଛି । ଏହି କର୍ମଚାରୀମାନେ ରାଜ୍ୟର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ବିଭିନ୍ନ ସମ୍ବାଦପତ୍ର ଓ ବେତାର ବିଭାଗକୁ ଯୋଗାଇବା ନିମନ୍ତେ ନିଯୁକ୍ତ ।

**ସଙ୍ଗୀତ ଓ ନାଟ ସାହାଯ୍ୟରେ ପ୍ରଚାର:**—ଏହା ଏକ କ୍ରମଶଃ ଚାଲୁରହିଥିବା ଯୋଜନା । ଏହା ଅନୁସାରେ ପାଲା, ଦାସକାଠିଆ ଓ ଯାତ୍ରାଦଳମାନଙ୍କୁ ସାହାଯ୍ୟ ଦିଆଯାଇ ସେମାନଙ୍କ ଜରିଆରେ ବିଭିନ୍ନ କାର୍ଯ୍ୟକ୍ରମ ସଂପର୍କରେ ପ୍ରଚାର କରାଯାଏ । ୧୯୫୬-୫୭ ଓ ୧୯୫୭-୫୮ ପ୍ରତିବର୍ଷ ୧୦୦ଟି କରି ଦଳଙ୍କୁ ସାହାଯ୍ୟ ଦିଆଯାଇଥିଲା । ୧୯୫୮-୫୯ ମସିହାରେ ମଧ୍ୟ ୧୦୦ଟି ଦଳଙ୍କୁ ସାହାଯ୍ୟ ଦିଆଯିବ ।

**ଭ୍ରାମ୍ୟମାଣ ପ୍ରଚାର ସଂସ୍ଥା:**—ଦ୍ୱିତୀୟ ଯୋଜନାକାଳରେ ପୂର୍ବରୁ ରହିଥିବା ୧୩ଟି ପୁରୁଣା ଚଳମାଣ ପ୍ରଚାର ସଂସ୍ଥାକୁ ବଦଳାଇ

ଦିଆଯିବ ଓ ବଡ଼ ବଡ଼ କଳ ପାଇଁ ଆଉ ୭ଟି ସଂସ୍ଥା ଯୋଗାଇ ଦିଆଯିବ । ୧୯୫୬-୫୭ ଓ ୧୯୫୭-୫୮ ମସିହାରେ ଏଥିପାଇଁ ଯଥାକ୍ରମେ ୭ଟି ଓ ୪ଟି ଗାଡ଼ି ଓ ଯନ୍ତ୍ରପାତି କିଣାଯାଇଥିଲା । ୧୯୫୮-୫୯ ମସିହାରେ ଆବଶ୍ୟକୀୟ ଯନ୍ତ୍ରପାତି ସମେତ ଆଉ ୩ଟି ଗାଡ଼ି କିଣିବାର ପ୍ରସ୍ତାବ କରାଯାଇଛି ।

**ଭ୍ରାମ୍ୟମାଣ ପ୍ରଦର୍ଶନୀ ସଂସ୍ଥା:**—ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ପ୍ରଦର୍ଶନ କରାଇବାପାଇଁ ଗୋଟିଏ ଚଳମାଣ ପ୍ରଦର୍ଶନୀ ସଂସ୍ଥା ରଖାଯିବାର ବ୍ୟବସ୍ଥା ହୋଇଛି । ୧୯୫୬-୫୭ରେ ଏହି ସଂସ୍ଥା ଆରମ୍ଭ କରାଯାଇଛି ଓ ଏହା ଚାଲୁରହିବ ।

**ସୂଚନା-ସାହିତ୍ୟ ରଚନା :**—ଯୋଜନା ସମ୍ପର୍କୀୟ ପ୍ରାଚୀରପତ୍ର, ପୁସ୍ତିକା ଏବଂ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ପ୍ରଭୃତି ସୂଚନା-ସାହିତ୍ୟ ନିୟମିତ ପ୍ରକାଶିତ ହେଉଛି । ୧୯୫୮-୫୯ରେ ଏହି ପରିକଳ୍ପନା ଚାଲୁ ରହିବ ।

**ସମ୍ବାଦପତ୍ରରେ ବିଜ୍ଞାପନ :**—ଯୋଜନା କାର୍ଯ୍ୟରେ ଜନସାଧାରଣଙ୍କ ସହଯୋଗ ଲାଭ କରିବା ଉଦ୍ଦେଶ୍ୟରେ ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକର ପ୍ରକାଶ ଏହି ପରିକଳ୍ପନାର ଲକ୍ଷ୍ୟ ।

**ପ୍ରଚାର ପରିକଳ୍ପନାକୁ କାର୍ଯ୍ୟକାରୀ କରିବାପାଇଁ ଅଧିକା କର୍ମଚାରୀ ନିଯୁକ୍ତି :**—ଏହି ପରିକଳ୍ପନାନୁସାରେ ଯୋଜନା କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ଅଧିକା କର୍ମଚାରୀ ନିଯୁକ୍ତିର ବ୍ୟବସ୍ଥା ଅଛି । ଏହି ପରିକଳ୍ପନା ଚାଲୁ ରହିବ ।

**ରାଜ୍ୟ ମହକୁମାରେ ସୂଚନା କେନ୍ଦ୍ର ଉନ୍ମୋଚନ :—** ରାଜ୍ୟର ସଦର ମହକୁମାରେ ଗୋଟିଏ ସୂଚନା କେନ୍ଦ୍ର ଖୋଲାଯାଇଛି । ୧୯୫୮-୫୯ ମସିହାରେ ଏହି କେନ୍ଦ୍ରଟି ଚାଲୁ ରହିବ । ଏହି ପରିକଳ୍ପନାପାଇଁ ହେଉଥିବା ଖର୍ଚ୍ଚର ଶତକଡ଼ା ୫୦ ଭାଗ ଭାରତ ସରକାର ବହନ କରିବେ ।

**ଗ୍ରାମଗୋଷ୍ଠୀ ରେଡ଼ିଓ ସେଟ୍ ରକ୍ଷଣାବେକ୍ଷଣ:—** ରାଜ୍ୟରେ ୧୦,୦୦୦ ରେଡ଼ିଓ ବାଣ୍ଟିବାର ବ୍ୟବସ୍ଥା ଅଛି । ଏହି ରେଡ଼ିଓଗୁଡ଼ିକର ରକ୍ଷଣାବେକ୍ଷଣ ପ୍ରତି ଦୃଷ୍ଟିଦେବା ଓ ବୈଷୟିକ ପରାମର୍ଶ ଦେବାପାଇଁ ୧୪ ଜଣ ରେଡ଼ିଓ ଇନ୍‌ସପେକ୍ଟର ନିଯୁକ୍ତ ହୋଇଛନ୍ତି । ୧୯୫୮-୫୯ ମସିହାରେ ସେମାନେ କାମରେ ବାହେଲେ ରହିବେ ।

**ଭ୍ରମଣକାରୀଙ୍କ ପାଇଁ ସୁବିଧା:—** ପୁରୀ ଓ ଭୁବନେଶ୍ୱରଠାରେ ୨୦ଟି ଲେଖାଏଁ ଶଯ୍ୟାବିଶିଷ୍ଟ ସ୍ୱଳ୍ପ ଆୟକାରୀ ବ୍ୟକ୍ତିମାନଙ୍କପାଇଁ ଗୋଟିଏ ଗୋଟିଏ ବିଶ୍ରାମାଗାର ତିଆରି କରିବା ଓ ପର୍ଯ୍ୟଟନ ବ୍ୟବସାୟର ଉନ୍ନୟନ କରିବା ନିମନ୍ତେ ଗୋଟିଏ ପରିକଳ୍ପନା କରାଯାଇଛି । ଏହା ଭାରତ ସରକାରଙ୍କ ଅନୁମୋଦନ ଲାଭ କରିଛି ଓ ରାଜ୍ୟ ଯୋଜନାର ଅନ୍ତର୍ଭୁକ୍ତ ହେବ । ଏଥିରେ ମୋଟ ୩ ଲକ୍ଷ ଟଙ୍କା ବ୍ୟୟିତ ହେବ । ଏଥିରୁ ଭାରତ ସରକାର ୧½ ଲକ୍ଷ ଟଙ୍କା ଦେବେ ଓ ବାକି ୧½ ଲକ୍ଷ ଓଡ଼ିଶା ସରକାର ଦେବାପାଇଁ ୧୯୫୮-୫୯ ବଜେଟରେ ବ୍ୟବସ୍ଥା ଅଛି ।

---

# ପରିସଂଖ୍ୟାନ ଓ ଅର୍ଥନୀତି ବିଭାଗ

ପରିସଂଖ୍ୟାନ ବିଭାଗଟି ୧୯୪୯ରେ ଖୋଲାଯାଇଥିଲା । ଏବେ ନିକଟରେ ଏହା ମଞ୍ଜୁରୀ ପାଇଛି । ଏହି ପରିସଂଖ୍ୟାନ ଓ ଅର୍ଥନୀତି ବିଭାଗର ପୁନର୍ଗଠନ ପାଇଁ ନିମ୍ନଲିଖିତ ପରିକଳ୍ପନାମାନ ହୋଇଅଛି :—

୧ । ରାଜ୍ୟ ପରିସଂଖ୍ୟାନ ବିଭାଗର ଦୃଢ଼ୀକରଣ,

୨ । ଜିଲ୍ଲା ପରିସଂଖ୍ୟାନ ଶାଖା ପ୍ରତିଷ୍ଠା,

୩ । ଆଦର୍ଶ ପରିମାପ ବିଭାଗ ପ୍ରତିଷ୍ଠା, ଓ

୪ । ତାଲିମ କାର୍ଯ୍ୟକ୍ରମ ।

ଉକ୍ତ ୧ ନମ୍ବର ପରିକଳ୍ପନା ଅନୁଯାୟୀ ୧୯୫୮-୫୯ ମସିହାରେ ଗୋଟିଏ ବାଣିଜ୍ୟିକ ତଥ୍ୟ ସଂସ୍ଥା ଖୋଲାଯିବ । ଉକ୍ତ ୨ ନମ୍ବର ପରିକଳ୍ପନା ଅନୁଯାୟୀ ଦ୍ୱିତୀୟ ଯୋଜନାକାଳର ପ୍ରଥମ ଦୁଇବର୍ଷ ମଧ୍ୟରେ ୮ଟି ଜିଲ୍ଲା ପରିସଂଖ୍ୟାନ ସଂସ୍ଥା ଗଢ଼ାଯାଇଛି । ୧୯୫୮-୫୯ ମସିହାରେ ଆଉ ୫ଟି ଜିଲ୍ଲା ପରିସଂଖ୍ୟାନ ସଂସ୍ଥା ଖୋଲିବାର ବ୍ୟବସ୍ଥା ଅଛି । ଏହାଫଳରେ ମୋଟ ପରିସଂଖ୍ୟାନ ସଂସ୍ଥାସଂଖ୍ୟା ୧୩ ହେବ । ଏହି ସଂସ୍ଥାଗୁଡ଼ିକ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଶିଳ୍ପ ପ୍ରଭୃତି ବିଷୟରେ ପରିସଂଖ୍ୟାନ ସଂଗ୍ରହ କରିବେ ।

ଆଦର୍ଶ ପରିମାପ ବିଭାଗ ପରିକଳ୍ପନା ଅନୁଯାୟୀ ୧୯୫୮-୫୯ ମସିହାରେ ରାଜ୍ୟରେ ଉତ୍ପାଦିତ ବିଭିନ୍ନ ପ୍ରଧାନ ପ୍ରଧାନ ଶସ୍ୟର କ୍ଷେତ୍ରଫଳ ଓ ଉତ୍ପନ୍ନିର ଅଟକଳ କରିବାପାଇଁ ଆଦର୍ଶ ପରିମାପ ଚାଲୁ କରିବାର ପ୍ରସ୍ତାବ ଅଛି । ଏହି ସଂସ୍ଥା ଜାତୀୟ ଆଦର୍ଶ ପରିମାପ ଯୋଜନା ସହିତ ସହଯୋଗ ରଖି କାର୍ଯ୍ୟ କରିବ ।

---

ଉତ୍କଳ ସଂଘ ଲାଇବ୍ରେରୀ
ନଂ..........
ତା..........
ରାଉରକେଲା

# ମ୍ୟୁନିସିପାଲିଟି ଉନ୍ନୟନ କାର୍ଯ୍ୟ

ରାଜ୍ୟର ବିଭିନ୍ନ ମ୍ୟୁନିସିପାଲିଟି ଓ ନୋଟିଫାଏଡ୍ ଏରିଆ କାଉନ୍‌ସିଲମାନଙ୍କୁ ହାଟଘର ତିଆରି, ମାଛ ଚାଷପାଇଁ ପୋଖରୀ ଖୋଳା ଓ ରାସ୍ତା ନିର୍ମାଣ ପ୍ରଭୃତି ଉନ୍ନୟନ ଯୋଜନା ନିମନ୍ତେ ଆର୍ଥିକ ସାହାଯ୍ୟ ଦେବା ଉଦ୍ଦେଶ୍ୟରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ୧୭ ଲକ୍ଷ ୧୦ ହଜାର ଟଙ୍କାର ବ୍ୟବସ୍ଥା ଅଛି । ୧୯୫୬-୫୭ ମସିହାରେ ଏ ଦିଗରେ ୨,୮୯,୮୦୦ ଟଙ୍କା ଖର୍ଚ୍ଚ ହୋଇଥିଲା ଓ ୧୯୫୭-୫୮ ମସିହାର ସଂଶୋଧିତ ଅଟକଳ ୩ ଲକ୍ଷ ୫୦ ହଜାର ଟଙ୍କା ହୋଇଥିଲା । ୧୯୫୮-୫୯ ମସିହାରେ ଏଥିପାଇଁ ୨ ଲକ୍ଷ ୮୦ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି । ୧୯୫୬-୫୭ ଓ ୧୯୫୭-୫୮ ମସିହାରେ ଉପଯୁକ୍ତ ମ୍ୟୁନିସିପାଲିଟି, ନୋଟିଫାଏଡ୍-ଏରିଆ କାଉନ୍‌ସିଲକୁ ଯଥାକ୍ରମେ ୯୦,୩୦୦ ଟଙ୍କା ଓ ୧½ ଲକ୍ଷ ଟଙ୍କା ଗ୍ରାଣ୍ଟ-ସାହାଯ୍ୟ ଦିଆଯାଇଥିଲା । ୧୯୫୮-୫୯ ମସିହାରେ ଏହି ଉଦ୍ଦେଶ୍ୟରେ ୧½ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ଅଛି ।

# ସହର ଯୋଜନା

ସହର ଯୋଜନା ସଂଗଠନକୁ ଚାଲୁ ରଖିବା ପାଇଁ ୧୯୫୬-୫୭ ମସିହାରେ ୮୫ ହଜାର ଟଙ୍କା ଖର୍ଚ୍ଚ କରାଯାଇଥିଲା । ୧୯୫୭-୫୮ ଓ ୧୯୫୮-୫୯ ମସିହା ପାଇଁ ଯଥାକ୍ରମେ ୧ ଲକ୍ଷ ଟଙ୍କା ଓ ୫୦ ହଜାର ଟଙ୍କା କର୍ମଚାରୀମାନଙ୍କ ପିଛା ଖର୍ଚ୍ଚ କରିବାର ବ୍ୟବସ୍ଥା ରଖାଯାଇଛି ।

**ବସ୍ତି ସଫେଇ :—** ୧୯୫୮-୫୯ଠାରୁ ୧୯୬୦-୬୧ ମଧ୍ୟରେ ପ୍ରାୟ ୧୨ ଲକ୍ଷ ଟଙ୍କା ଖର୍ଚ୍ଚରେ ଏହି ଯୋଜନାଟିକୁ କାର୍ଯ୍ୟକାରୀ କରାଯିବ । କାମର ଢାଞ୍ଚା ଅନୁମୋଦିତ ହେଲେ ଭାରତ ସରକାର ଏଥିପାଇଁ ଖର୍ଚ୍ଚର ଶତକଡ଼ା ୫୦ ଭାଗ ଋଣ ଦେବେ ଓ ଶତକଡ଼ା ୨୫ ଭାଗ ସାହାଯ୍ୟ ଦେବେ ଏବଂ ରାଜ୍ୟ ସରକାର ଅବଶିଷ୍ଟ ଶତକଡ଼ା ୨୫ ଭାଗ ମାତ୍ର ଦେବେ । ଦ୍ୱିତୀୟ ଯୋଜନାକାଳରେ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରରେ ଏହି ପରିକଳ୍ପନା କାର୍ଯ୍ୟକାରୀ ହେବା ପାଇଁ ସ୍ଥିର ହୋଇଅଛି । ୧୯୫୭-୫୮ ମସିହାରେ ଭୁବନେଶ୍ୱର ନୂଆ ରାଜଧାନୀରେ ଏ ଦିଗରେ କାମ ଆରମ୍ଭ କରାଯାଇଛି । ୧୯୫୮-୫୯ ମସିହାରେ ଏହି ପରିକଳ୍ପନା ଚାଲୁ ରହିବ ଏବଂ ଏହାର ଖର୍ଚ୍ଚ ୪ ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି ।

# ନୂଆ ରାଜଧାନୀ

ଦ୍ୱିତୀୟ ଯୋଜନାକାଳ ମଧ୍ୟରେ ରାଜଧାନୀ ନିର୍ମାଣ କାର୍ଯ୍ୟରେ ୨ କୋଟି ୨୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାର ପ୍ରସ୍ତାବ ଅଛି ।

୧୯୫୬-୫୭ ମସିହାରେ ନିମ୍ନଲିଖିତ ପ୍ରଧାନ ପ୍ରଧାନ କୋଠାମାନ ତିଆରି ଓ ଅନ୍ୟାନ୍ୟ କାର୍ଯ୍ୟ କରାଯାଇଛି :—

୧ । ୪ ନମ୍ବର ୟୁନିଟ୍‌ର ବିଧାନସଭା ସଭ୍ୟମାନଙ୍କ ପାଇଁ ୯୦ଟି ବସାଘର ।

୨ । ୭ ନମ୍ବର ୟୁନିଟ୍‌ର ୮୦ଟି "ସଂଶୋଧିତ ଟାଇପ" ୪ର୍ଥ ବସାଘର ।

୩ । ୭ ନମ୍ବର ୟୁନିଟ୍‌ରେ ପ୍ରାଥମିକ ବିଦ୍ୟାଳୟ କୋଠା ।

୪ । ଓଡ଼ିଶା ଏକାଉଣ୍ଟାଣ୍ଟ ଜେନେରାଲଙ୍କ ଅଫିସ କର୍ମଚାରୀମାନଙ୍କ ରହିବା ପାଇଁ ୩୨ଟି ଅସ୍ଥାୟୀ ଘର ।

୫ । ତେଲ ମାର୍କେଟ ଓ ହାଟଘର ।

୬ । ସନ୍ତରଣ ପୁଷ୍କରଣୀ ।

୭ । ୧ ନମ୍ବର ଓ ୨ ନମ୍ବର ୟୁନିଟ୍‌ରେ ବାଡ଼ପଟ ଗଳିଗୁଡ଼ିକ ଉପରେ ଗୋଡ଼ି ବିଛାଇବା ।

୮ । ଗାନ୍ଧୀ-ସ୍ମୃତି ପାର୍କ ।

୯ । ରାଜ୍ୟ ଅତିଥିଶାଳାର ଉପର ମହଲା ।

୧୦ । ରାଜସ୍ୱ ବିଭାଗର କର୍ମଚାରୀମାନଙ୍କର ରହିବା ପାଇଁ ବସାଘର ।

ଅଣତରଣ

୧୯୫୭-୫୮ ଓ ୧୯୫୮-୫୯ ମସିହାରେ ନିମ୍ନଲିଖିତ ନିର୍ମାଣ କାର୍ଯ୍ୟଗୁଡ଼ିକ ଗ୍ଟୁଲୁ ରହିବ :—

୧ । ସେକ୍ରେଟେରିଏଟ୍ କୋଠା ।

୨ । ହାଇସ୍କୁଲ କୋଠା ଓ ଶିକ୍ଷକମାନଙ୍କର ବସାଘର ।

୩ । ରାଜଭବନ ତିଆରି ।

୪ । ଦୁଇଟି ଟାଇପ୍ ୮ମ ଘର, ୪ଟି ସଂଶୋଧିତ ଟାଇପ୍ ୭ମ ବସାଘର ଓ ୨୦ଟି ସଂଶୋଧିତ ଟାଇପ୍ ୬ଷ୍ଠ ବସାଘର ।

୫ । କୁଆଖାଈ ନଦୀଠାରୁ ପ୍ରଧାନ ପାଣିଟାଙ୍କି ପର୍ଯ୍ୟନ୍ତ ବ୍ରିଗ୍ଟପୂ ପ୍ରଧାନ (ଲାଇନ) ପାଣିନଳ ପକାଇବା ।

୬ । ସବ୍‌ଟ୍ରେଜେରୀ କୋଠା ।

୭ । ସେକ୍ରେଟେରିଏଟ୍‌ର ରେକର୍ଡ୍, ଫର୍ମ ଓ ଷ୍ଟେସନାରୀ ରଖାଯିବା ଘର ।

୮ । ନୂଆ ରାଜଧାନୀ ଅଞ୍ଚଳରେ ଘର ତିଆରିପାଇଁ କ୍ଷେତ୍ର ପ୍ରସ୍ତୁତ ।

୧୯୫୮-୫୯ ମସିହାରେ ଏହିସବୁ କାର୍ଯ୍ୟ ଗ୍ଟୁଲୁ ରଖିବା ପାଇଁ ୩୦ ଲକ୍ଷ ଟଙ୍କାର ବ୍ୟବସ୍ଥା ରଖାଯାଇଛି ।

ମୁଦ୍ରାକର—ପଣ୍ଡିତ ଅନସୂୟା ପ୍ରସାଦ ପାଠକ
ଗଣତନ୍ତ୍ର ସମବାୟ ପ୍ରେସ, କଟକ—୧୫,୦୦୦

# 'ଉତ୍କଳ ପ୍ରସଙ୍ଗ'ର
# କିପରି ଗ୍ରାହକ ହେବେ

ଆପଣମାନଙ୍କ ନିଜ ଜିଲ୍ଲାର ପବ୍ଲିକ୍ ରିଲେସନ୍ସ ଅଫିସର୍‌ଙ୍କୁ ଅଗ୍ରିମ ଦୁଇଟଙ୍କା ଚାନ୍ଦା ଦେଇଦେଲେ ବା ମନିଅର୍ଡ଼ର କରିଦେଲେ ସେ ବର୍ଷକ ପାଇଁ ଆପଣଙ୍କୁ 'ଉତ୍କଳ ପ୍ରସଙ୍ଗ'ର ଗ୍ରାହକ କରି ଦେବେ । ଆପଣ ଘରେ ବସି ଡାକ ଯୋଗେ ମାସକୁ ମାସ ବାରମାସ ଯାଏ 'ଉତ୍କଳ ପ୍ରସଙ୍ଗ' ପାଉଥିବେ । 'ଉତ୍କଳ ପ୍ରସଙ୍ଗ' ପ୍ରତି ଇଂରାଜୀ ମାସର ୧୫ ତାରିଖ ଦିନ ପ୍ରକାଶିତ ହୁଏ ।

ଏହା ନ କରି ଆପଣ ଯଦି ନିମ୍ନଲିଖିତ ଠିକଣାକୁ ଦୁଇଟଙ୍କା ଅଗ୍ରିମ ପଠାଇ ଦିଅନ୍ତି ବା ମନିଅର୍ଡ଼ର କରି ଦିଅନ୍ତି, ତାହାହେଲେ ମଧ୍ୟ ଆପଣ ବର୍ଷକପାଇଁ 'ଉତ୍କଳ ପ୍ରସଙ୍ଗ'ର ଗ୍ରାହକ ହୋଇପାରିବେ । ଚିଠିରେ ବା ମନିଅର୍ଡ଼ର କୁପନରେ ନିଜ ନାଁ, ଗାଁ ନାଁ ଓ ଡାକଘର ନାଁ ପରିଷ୍କାର ଭାବରେ ଲେଖିବେ ।

ପବ୍ଲିକ୍ ରିଲେସନସ୍ ଅଫିସର୍
ଗଭର୍ଣ୍ଣମେଣ୍ଟ ଅଫ୍ ଓଡ଼ିଶା
ପୋ: ଅ: ନିଉ କାପିଟାଲ ଭୁବନେଶ୍ୱର
ଜିଲ୍ଲା ପୁରୀ

ଓଡ଼ିଶାର ବିଶିଷ୍ଟ ଗାୟକଗାୟିକାଙ୍କ

# ନୂତନ ସଙ୍ଗୀତ ଉପଭୋଗ କରନ୍ତୁ

## ଲୋକସମ୍ପର୍କ ବିଭାଗଦ୍ୱାରା ପ୍ରସ୍ତୁତ
## ରେକର୍ଡ଼ କିଣିବାର ଅପୂର୍ବ ସୁଯୋଗ

| | | |
|---|---|---|
| 1. Q. C. 1463— | ଜଳଧର ଜଳେ | ନମାଇଁଚରଣ |
| | ଫୁଲ ବଉଲବେଣୀ | ନମାଇଚରଣ |
| 2. Q. C. 1464— | ଆଦିବାସୀ ଭାଇ | ବାଲକୃଷ୍ଣ |
| | ମିଳିମିଶି ଚାଷ | ରାଧାମଣି |
| 3. Q. C. 1465— | ଆମେ ତ ନାହୁଁ ଆଉ | ଗୋକୁଳାନନ୍ଦ |
| | ରେ ମୂଲିଆ | ଲୋକନାଥ |
| 4. Q. C. 1466— | ପାଞ୍ଚ ମନ ଦଶ ହାତ | ନମାଇଁଚରଣ |
| | ହୀରାକୁଦ ବନ୍ଧ | ରାଧାମଣି ଓ ବାଲକୃଷ୍ଣ |
| 5. Q. C. 1467— | କଣଗଲ ବାଉଳା | ଗୋକୁଳାନନ୍ଦ |
| | ଚଷା ଭାଇ ରେ ! | ଲୋକନାଥ |
| 6. Q. C. 1468— | ଭାଇ ସେ ନୁହେ | ନମାଇଁଚରଣ |
| | ବଡ଼ଠାରେ ଯାହା | ବାଲକୃଷ୍ଣ |
| 7. S.R. 53 (1)— | ବାବୁ ଧନ | ବନ୍ଧୁଚରଣ |
| | ସବୁ ଅଛୁ ଚୋର | ସତ୍ୟଭାମା |

8. S.R. 53 (2)—ଆଜି ତ ସେକାଲ ପଖାଳ — ବିଷ୍ଣୁଚରଣ
ଆରେ ବାବୁ — ବିଷ୍ଣୁଚରଣ ଓ ସତ୍ୟଭାମା

9. S.R. 53 (3)—ସେ ଦିନ ନାହିଁ — ବିଷ୍ଣୁଚରଣ
ଅନା ରେ ଭାଇ ! — ବିଷ୍ଣୁଚରଣ

10. S.R. 53 (4)—ଆରେ ପଢ଼ୁଆ ବୋଲ ରୁ — ବିଷ୍ଣୁଚରଣ ଓ ସତ୍ୟଭାମା
ଫିଟିଲୁ ବ୍ୟାଟ — ବିଷ୍ଣୁଚରଣ

ରେକର୍ଡ଼ର ମୂଲ୍ୟ—୧୪୬୩ ନମ୍ବରଠାରୁ ୧୪୬୮ ନମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକଟି ଟ ୨୲; କିନ୍ତୁ ୬ ଖଣ୍ଡ କିମ୍ବା ତହିଁରୁ ଅଧିକ ସଂଖ୍ୟାରେ ରେକର୍ଡ଼ କିଣିଲେ ଶତକଡ଼ା ୧୫ ଟଙ୍କା କମ୍‌ରେ ପାଇ ପାରିବେ ।

୫୩ (୧) ଠାରୁ ୫୩ (୪) ପର୍ଯ୍ୟନ୍ତ ରେକର୍ଡ଼ର ମୂଲ୍ୟ ପ୍ରତ୍ୟେକଟି ଟ ୨.୫୦ ନୂଆ ପଇସା; କିନ୍ତୁ କେହି ୪ଟି କିମ୍ବା ତହିଁରୁ ଅଧିକ ସଂଖ୍ୟାରେ ରେକର୍ଡ଼ କିଣିଲେ ଶତକଡ଼ା ୧୦ ଟଙ୍କା କମ୍‌ରେ ପାଇପାରିବେ ।

❊ ପ୍ରାପ୍ତିସ୍ଥାନ ❊

**ସମସ୍ତ ଜିଲ୍ଲା ପବ୍ଲିସିଟି ( ଲୋକସମ୍ପର୍କ ) ବିଭାଗ ଅଫିସ**

27 NOV 1958
DEC

# ଓଡ଼ିଶା ସରକାର

## ରାଜ୍ୟପାଳ

## ଶ୍ରୀ ଯଶୋବନ୍ତ ନାରାୟଣ ସୁଖ୍‌ଠଣକର

## ମନ୍ତ୍ରିମଣ୍ଡଳ

ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ—ପଲିଟିକାଲ୍ ଆଣ୍ଡ ସର୍ଭିସେସ୍ ଓ ଅର୍ଥ ।

ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ—ଘରୋଇ, ଶିକ୍ଷା ଓ ଆଇନ ।

ଶ୍ରୀ ରାଧାନାଥ ରଥ—ପ୍ରକାଶ ।

ଶ୍ରୀ ଧନଚନ୍ଦ୍ର ସାହୁ—ଶିଳ୍ପ, ଖଣି ଓ ଭୂତତ୍ତ୍ୱ ।

ଶ୍ରୀ ସତ୍ୟପ୍ରିୟ ମହାନ୍ତି—ରାଜସ୍ୱ, ଅବକାରୀ ଓ ସ୍ୱାୟତ୍ତଶାସନ ।

ଶ୍ରୀ ଶୈଳେନ୍ଦ୍ର ନାରାୟଣ ଭଞ୍ଜ ଦେଓ—ପୂର୍ତ୍ତ ।

ଶ୍ରୀମତୀ ବସନ୍ତମଞ୍ଜରୀ ଦେବୀ—ସ୍ୱାସ୍ଥ୍ୟ ଓ ଥଇଥାନ ।

ଶ୍ରୀ ପବିତ୍ରମୋହନ ପ୍ରଧାନ—ଆଦିବାସୀ, ଗ୍ରାମମଙ୍ଗଳ ଓ ବାଣିଜ୍ୟ ।

ଶ୍ରୀ ମାଳମଣୀ ରାଉତରାୟ—ଯୋଗାଣ, ଯାତାୟାତ ଓ ଶ୍ରମ ।

ଶ୍ରୀ ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ—ନଦୀ-ଉପତ୍ୟକା ଉନ୍ନୟନ ।

## ଉପମନ୍ତ୍ରିଗଣ

ଶ୍ରୀ ବୀର ବିକ୍ରମାଦିତ୍ୟ ସିଂହ ବରିହା—ଆଦିବାସୀ ଓ ଗ୍ରାମମଙ୍ଗଳ ।

ଶ୍ରୀ ଶାନ୍ତନୁକୁମାର ଦାସ—ଗ୍ରାମପଞ୍ଚାୟତ, ମତ୍ସ୍ୟପାଳନ ଓ ସମବାୟ ।

ଶ୍ରୀ କୁମୁଦଚନ୍ଦ୍ର ସିଂହ—ଯାନବାହନ ଓ ଲୋକସଂପର୍କ ।

ଶ୍ରୀ ହିମାଂଶୁଶେଖର ପାଢ଼ୀ—କୃଷି ।